# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 5 August– 2026

---

## ବ୍ରିକ୍ସ - ଶିକ୍ଷାମନ୍ତ୍ରୀ ବୈଠକ

ଭୁବନେଶ୍ୱରରେ ବ୍ରିକ୍ସ-ଭାରତ ଅଧ୍ୟକ୍ଷତାର ଶିକ୍ଷାକ୍ଷେତ୍ର ବୈଠକମାଳା ଆଜିଠାରୁ ୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ୧୧ଟି ବ୍ରିକ୍ସ ସଦସ୍ୟ ରାଷ୍ଟ୍ରର ୮ ଜଣ ଶିକ୍ଷାମନ୍ତ୍ରୀ ଓ ୪୦ ଜଣ ବରିଷ୍ଠ ପଦାଧିକାରୀଙ୍କ ସମେତ ୨ ଶହରୁ ଅଧିକ ପ୍ରତିନିଧି ଏଥିରେ ଅଂଶଗ୍ରହଣ କରିବେ । ବ୍ରିକ୍ସ ଶିକ୍ଷା ବରିଷ୍ଠ ଅଧିକାରୀଙ୍କ ତୃତୀୟ ବୈଠକ ଆଜି ଅନୁଷ୍ଠିତ ହେବ । ଆସନ୍ତାକାଲି ସଦସ୍ୟ ରାଷ୍ଟ୍ରସମୂହର ଶିକ୍ଷାମନ୍ତ୍ରୀ ଓ ବରିଷ୍ଠ ପଦାଧିକାରୀ ଆଲୋଚନା କରିବେ । ସେହିପରି ୭ ତାରିଖରେ ବ୍ରିକ୍ସ ଶିକ୍ଷାମନ୍ତ୍ରୀଙ୍କ ତ୍ରୟୋଦଶ ବୈଠକ ଅନୁଷ୍ଠିତ ହେବ । ଜନକୈନ୍ଦ୍ରିକ ଏବଂ ମାନବକଲ୍ୟାଣକୁ ପ୍ରାଥମିକତା ଆଧାରରେ ବିଶ୍ୱସ୍ତରୀୟ ଆହ୍ୱାନଗୁଡ଼ିକର ମୁକାବିଲାପାଇଁ ନବସୃଜନ, ପାରସ୍ପରିକ ସହଯୋଗ ଓ ସ୍ଥାୟୀ ବିକାଶକୁ ସୁଦୃଢ଼ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ।

---

## ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଏକ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ପୂର୍ବାହ୍ନ ସାଢ଼େ ୧୦ଟାରେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ । ରାଷ୍ଟ୍ରପତି ଗତକାଲି ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରସ୍ଥିତ ତପ୍ତପାଣିଠାରେ ମା' କନ୍ଧୁଣୀଦେବୀ ମନ୍ଦିର ଓ ଶିବ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ୩ ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ରାଷ୍ଟ୍ରପତି ଆଜି ନୂଆଦିଲ୍ଲୀ ଫେରିବାର କାର୍ଯ୍ୟସୂଚୀ ରହିଛି ।

---

# ତୃତୀୟ ପକ୍ଷ ବୀମା

ତୃତୀୟ ପକ୍ଷ ବୀମା ନଥିବା ଗାଡ଼ିଗୁଡ଼ିକୁ ଇନ୍ଧନ ନ ଦେବା ନେଇ ଏକ ପରୀକ୍ଷାମୂଳକ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ମୋଟରଯାନ ଆଇନ ଅନୁଯାୟୀ ପ୍ରତ୍ୟେକ ଗାଡ଼ିର ବୈଧ ତୃତୀୟ ପକ୍ଷ ବୀମା ରହିବା ବାଧ୍ୟତାମୂଳକ । ତେବେ ଏହାର ଅନୁପାଳନକୁ ନିଶ୍ଚିତ କରିବା ନେଇ ବିଚାରପତି ଜଷ୍ଟିସ୍ ସଂଜୟ କାରୋଲ ଏବଂ ଜଷ୍ଟିସ୍ ପ୍ରଶାନ୍ତ କୁମାର ମିଶ୍ରଙ୍କ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି । ୨୦୨୪-୨୫ ଆର୍ଥିକବର୍ଷର ଷ୍ଟାଣ୍ଡିଂ କମିଟି ରିପୋର୍ଟ ଅନୁଯାୟୀ ଦେଶର ସଡ଼କପଥଗୁଡ଼ିକରେ ଚଳାଚଳ କରୁଥିବା ଗାଡ଼ିଗୁଡ଼ିକ ମଧ୍ୟରୁ ପାଖାପାଖି ୫୬ ପ୍ରତିଶତ ଗାଡ଼ିରେ ତୃତୀୟପକ୍ଷ ବୀମା ନଥିବା ଜଣାପଡ଼ିଛି ।

# ବନ୍ୟା ସମୀକ୍ଷା ବୈଠକ

ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ସଚିବସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବନ୍ୟା ପରବର୍ତ୍ତୀ କ୍ଷୟକ୍ଷତି ଆକଳନ, ରିଲିଫ୍, ପୁନରୁଦ୍ଧାର ଓ ସ୍ୱାସ୍ଥ୍ୟସେବାକୁ ନେଇ ତ୍ୱରିତ ପଦକ୍ଷେପ  ଗ୍ରହଣ କରିବାକୁ ସଂପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି ।

**V/O**

ରାଜ୍ୟ କ୍ୟାବିନେଟ୍ ବୈଠକରେ ଗ୍ରହଣ କରାଯାଇଥିବା ନିଷ୍ପତ୍ତିର କାର୍ଯ୍ୟାନ୍ୱୟନ ଉପରେ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଛି ।

# ଚିଲିକା

ଚିଲିକା ହ୍ରଦ, କାଳିଜାଇ ପୀଠ ଏବଂ ସାତପଡ଼ା ଅଞ୍ଚଳର ସାମଗ୍ରିକ ବିକାଶର ରୂପରେଖ ପ୍ରସ୍ତୁତ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି । ଭୁବନେଶ୍ୱରରେ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସହ ଚିଲିକାର ଉନ୍ନତିକରଣ ପାଇଁ ବୈଠକରେ ସମୀକ୍ଷା କରି ଶ୍ରୀମତୀ ପରିଡ଼ା କହିଛନ୍ତି, ଚିଲିକାକୁ ଆକର୍ଷଣୀୟ ବିଶ୍ୱସ୍ତରୀୟ ପର୍ଯ୍ୟଟନସ୍ଥଳୀ ଭାବେ ଗଢ଼ି ତୋଳିବା ସହ ଅନ୍ୟାନ୍ୟ ବ୍ୟବସ୍ଥା କରାଯିବ । ଗୋପାଳପୁରଠାରୁ ବାହୁଦାକୁ ସଂଯୋଗ କରି ଗ୍ରୀନ୍‌ଫିଲ୍‌ଡ୍ ରାସ୍ତା ନିର୍ମାଣ ସହ ପାରିପାର୍ଶ୍ୱିକ ଅଞ୍ଚଳରେ ପର୍ଯ୍ୟଟନ ବିକାଶ ନେଇ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା ।

---

# ଯୁକ୍ତ ଦୁଇ ଇନ୍‌ଷ୍ଟାଣ୍ଟ ପରୀକ୍ଷାଫଳ

ଯୁକ୍ତଦୁଇ ବାର୍ଷିକ ଇନ୍‌ଷ୍ଟାଣ୍ଟ୍ ପରୀକ୍ଷାଫଳ ପ୍ରକାଶ ପାଇଛି । ଏହାର ଆଧାରରେ ପୁନଃନାମଲେଖା ଏବଂ ପୁନଃ ପରୀକ୍ଷା ଖାତା ମୂଲ୍ୟାଙ୍କନ ସଂକ୍ରାନ୍ତ ଆବେଦନ ନେଇ ଗତକାଲି ବିଜ୍ଞପ୍ତି ପ୍ରକାଶ ପାଇଛି । ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ପାଠ୍ୟକ୍ରମର ଗୋଟିଏ ବିଷୟରେ ପରୀକ୍ଷା

ଦେଇଥିବା ଛାତ୍ରଛାତ୍ରୀ ୨୦୦ ଟଙ୍କା ଦେୟ ଦାଖଲ କରି ପୁନଃ ଯାଞ୍ଚ ପାଇଁ ଆବେଦନ କରିପାରିବେ ।

## ନିଟ୍ କାଉନ୍ସେଲିଂ

ନିଟ୍ ୟୁଜି ପ୍ରଥମ ପର୍ଯ୍ୟାୟ ନାମଲେଖା ନିମନ୍ତେ ପଞ୍ଜୀକରଣ ଆଜିଠାରୁ ଆରମ୍ଭ ହେଉଛି । ଆସନ୍ତା ୧୨ ତାରିଖ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଏହା ଜାରି ରହିବ । ଏଥିରେ ମନୋନୀତ ଛାତ୍ରଛାତ୍ରୀ ପଞ୍ଜୀକରଣ ସହ ଦେୟ ପ୍ରଦାନ କରିବେ । ଆସନ୍ତାକାଲିଠାରୁ ୧୩ ତାରିଖ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପାଇଁ ଚଏସ୍ ଲକିଙ୍ଗ୍ର ସମୟସୀମା ଧାର୍ଯ୍ୟ କରାଯାଇଛି । ସହଜ ତଥା ସୁଗମ ପଞ୍ଜୀକରଣ ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ବିଭିନ୍ନ ପର୍ଯ୍ୟାୟରେ ପରାମର୍ଶ ଆଧାରିତ ଭିଡ଼ିଓ ମେଡ଼ିକାଲ କାଉନ୍ସେଲିଂ କମିଟିର ୱେବ୍ସାଇଟ୍ରେ ଉପଲବ୍ଧ ହେଉଛି ।

## ପ୍ରଶିକ୍ଷଣ

ମାଲକାନଗିରି ଜିଲ୍ଲାର ଅନୁସୂଚୀତ ଜାତି ଓ ଜନଜାତି ଛାତ୍ରଛାତ୍ରୀଙ୍କର ବୈଷୟିକ ବିକାଶ ଲକ୍ଷ୍ୟ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି । ଏଥିପାଇଁ ବିଭିନ୍ନ ବିଦ୍ୟାଳୟରେ ଅନ୍ଲାଇନ୍ କମ୍ପ୍ୟୁଟର ପ୍ରଶିକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି । ପ୍ରତ୍ୟେକ ମଙ୍ଗଳବାର ଏବଂ ଶୁକ୍ରବାର ଅପରାହ୍ନ ୩ଟାରୁ ୪ଟା ପର୍ଯ୍ୟନ୍ତ ପ୍ରଶିକ୍ଷଣ ପ୍ରଦାନର ବ୍ୟବସ୍ଥା ହୋଇଛି ।

## ମାଛଚାଷ

ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା ଅଧୀନରେ ଝାରସୁଗୁଡ଼ା ଜିଲ୍ଲାସ୍ତରୀୟ ଚତୁର୍ଥ ମନୋନୟନ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ କୁନାଲ ମୋତିରାମ ଚୌହାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଚଳିତ ଆର୍ଥିକ ବର୍ଷରେ ମାଛଚାଷର ବିକାଶ ଏବଂ ଚାଷୀଙ୍କୁ ସହାୟତା ପ୍ରଦାନ ନେଇ ଆଲୋଚନା ହୋଇଛି । ମତ୍ସ୍ୟ ପୋଖରୀ ଯୋଜନା ଅଧୀନରେ ଚଳିତବର୍ଷ ୧୫ ହେକ୍ଟର ଜମିରେ ପୋଖରୀ ଖୋଳି ମାଛଚାଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

## ନିଶାମୁକ୍ତ ଭାରତ ଗଠନ

ନୂଆପଡ଼ା ଜିଲ୍ଲା ଖଡ଼ିଆଳସ୍ଥିତ ବ୍ରହ୍ମକୁମାରୀ ସେବାକେନ୍ଦ୍ରଠାରେ ନିଶାମୁକ୍ତ ଭାରତ ଏବଂ ସ୍ୱନ୍ଦନ ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ନିଶାମୁକ୍ତ ଭାରତ ଗଠନରେ ଯୁବସମାଜ ବ୍ରତୀ ହେବାକୁ ଆହ୍ୱାନ ଦିଆଯାଇଛି ।

## ପାଣିପାଗ

ରାଜ୍ୟରେ ବନ୍ୟା ସ୍ଥିତିରେ ସୁଧାର ଆସିଥିବା ବେଳେ ଆଜି ପ୍ରାୟ ସମସ୍ତ ଜିଲ୍ଲାରେ ବର୍ଷା ହେବାର ସମ୍ଭାବନା ରହିଛି । ପାଣିପାଗ ବିଜ୍ଞାନ କେନ୍ଦ୍ରର ଆକଳନ ଅନୁସାରେ, ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଆନ୍ଧ୍ରପ୍ରଦେଶ ଉପକୂଳ ମଧ୍ୟବର୍ତ୍ତୀ ବାୟୁମଣ୍ଡଳର

ଉପରିଭାଗରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି । ଏହାର ପ୍ରଭାବରେ ରାଜ୍ୟରେ ଆସନ୍ତା ୬ ଦିନ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ ।

................................................................................